SAMBAD
ସମ୍ବାଦ



# ଜାନୁଆରିରୁ ମୁକ୍ତ ବିଶ୍ୱବିଦ୍ୟାଳୟରେ ପାଠପଢ଼ା



ସମ୍ବଲପୁର, ୨୦।୧୨(ଇମିସ): ଆସନ୍ତାବର୍ଷ ଜାନୁଆରି ୧୫ ତାରିଖ ପରେ ସମ୍ବଲପୁର ମୁକ୍ତ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଆଜି ଗଂଗାଧର ମେହେର ବିଶ୍ୱବିଦ୍ୟାଳୟଠାରେ ଇଣ୍ଡକ୍‌ସନ୍ କ୍ଲାସ୍ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଜିଏମ୍ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ପ୍ରଫେସର ସୁଧାଂଶୁ ଶେଖର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁକ୍ତ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ଡ. ଶ୍ରୀକାନ୍ତ ମହାପାତ୍ର ସଭା ପରିଚାଳନା କରିଥିଲେ। ଡ. କାମଦେବ ସାହୁ ମଂଚାସୀନ ଥିଲେ। ଏହି ଅବସରରେ ପ୍ରଥମବର୍ଷ ନାମ ଲେଖାଇଥିବା ୮୫ ଜଣ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା। ସମ୍ବଲପୁର, ବରଗଡ଼, ରାଉରକେଲା, ସୁବର୍ଣ୍ଣପୁର ଏବଂ ଭବାନୀପାଟଣାଠାରେ ଷ୍ଟଡି ସେଣ୍ଟର ଖୋଲିବାକୁ ନିଷ୍ପତ୍ତି ହୋଇଛି।

ସୁରଘୁଙ୍ଗୁର ମହୋତ୍ସବ

# ସିଂହାରୀ ନୃତ୍ୟ ମ

ରେଢ଼ାଖୋଲ, ୨୦।୧୨(ଇମିସ): ସ୍ଥାନୀୟ କଦମ୍ବପଡ଼ିଆ ଭୀମଭୋଇ କଳାମଣ୍ଡପରେ ୧୪ତମ ସୁରଘୁଙ୍ଗୁର ମହୋତ୍ସବ-୨୦୧୫ ଉଦ୍‌ଯାପିତ ହୋଯାଇଛି। ଅନୁଷ୍ଠାନର ସଭାପତି ରମାକାନ୍ତ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବ ଅର୍ଥମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି, ବିଜେପି ବିଧାୟକ ଦଳ ନେତା ତଥା ନୂଆପଡ଼ା ବିଧାୟକ ବସନ୍ତ ପଣ୍ଡା, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ ସମ୍ମାନିତ ଅତିଥି ସଭା ଯୋଗ ଦେଇଥିଲେ। ସଂପାଦକ ସୁଶାନ୍ତ ନାଗ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଭବାନୀ ଓ ତର୍ପଣଙ୍କ ସଂଯୋଜନାରେ ସ୍ମିତାଙ୍କ କଣ୍ଠରେ ମାଁ ସମଲେଇଙ୍କ ଖୁହ୍‌ଲ ଭରନି ବନ୍ଦନାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦିଲ୍ଲୀପ ବାଘଙ୍କ କଣ୍ଠରେ କୁକୁରାକାଟ, ପ୍ରିତମଙ୍କ କଣ୍ଠରେ ମାଇଁ ଗୋ, ସ୍ମିତାଙ୍କ କଣ୍ଠରେ ପାନି ମାରି ଦେଲା ଝାଇଁ, ପ୍ରସନ୍ନଙ୍କ କଣ୍ଠରେ ଲବଙ୍ଗଲତା ଗୀତ ଦର୍ଶକଙ୍କ ମନ ଜିଣିଥିଲା। ସେହିପରି ଲୋକନୃତ୍ୟ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼



ମୟୁରୀ ଫୋକ୍ ଡ୍ୟାନ୍ସ ଏକାଡେମିର ରସରକେଲି, ଭବାନୀପାଟଣା ପ୍ରତିଭା ଅନୁଷ୍ଠାନର ସିଂହାରୀ ନୃତ୍ୟ, ମୟୁରଭଞ୍ଜର ଛଉ ନୃତ୍ୟ, ସୁରଘୁଙ୍ଗୁର ଅନୁଷ୍ଠାନର

ଲୋକନୃତ୍ୟ ଦ
ରସରକେଲି,
ବିଭୋର ହେ

ଅଭିନେତା ପ୍ରଦ
ଓ ଅଭିନେତ୍ରୀ
ମାଧ୍ୟମରେ
କରିଥିଲେ। ସେ

# ଉପରମୁଣ୍ଡାରେ ରକ୍ତଦାନ ଶିବିର : ୨୫ ୟୁନିଟ୍ ସଂଗ୍ରହ

# ଷଣ୍ଢପଥର ହାଇସ୍କୁଲ